ଏପିସୋଡ ୪୬

# ବିପର୍ଯ୍ୟସ୍ତ ପାଣିପାଗର କଥା

ମୂଳ ଲେଖା: ଶ୍ରୀନିବାସ ଓଲି

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ମହେନ୍ଦ୍ର ଗାଁ ମୁଖିଆ (୬୦-୬୫ ବର୍ଷ)

ହେମ ମହେନ୍ଦ୍ରଙ୍କ ପତ୍ନୀ

ସବିତା ମହେନ୍ଦ୍ରଙ୍କ ଝିଅ, କଲେଜ ଛାତ୍ରୀ

ରାଜେଶ ବୈଜ୍ଞାନିକ

ମୀନା ଗାଁ ମହିଳା

ସୁର ଗାଁର ଯୁବକ

ରାଜସ୍ଥାନର ଗୋଟିଏ ଗାଁ, ସନ୍ଧ୍ୟା ସମୟ। ମହେନ୍ଦ୍ରଙ୍କ ଘର, ଗୁହାଳର ଟିଣ ଛାତ ଉପରେ କୁଆପଥର ପଡୁଛି। ଝରକା ପଟେ ଜୋର ପବନ ଆସୁଛି।

ହେମ: (ବିବ୍ରତ ହୋଇ) ଦେଖିଲ, ମୁଁ କେବେଠୁ କହୁଛି କି ଗୁହାଳ ଛାତ ବଦଳେଇ ଦିଅ। କୋଉ ଦିନ ପବନରେ ଉଡ଼ିଯିବ ତା ପରେ ଚେତା ପଶିବ।

ମହେନ୍ଦ୍ର: ଆରେ ସେ ତ ପଛ କଥା। ଏବେ ତ ଏ ଝରକା ଆଉ ଦୁଆର ଜଲ୍‌ଦି ବନ୍ଦ କର। କେତେ ଜୋର ପବନ ବହୁଛି।

ହେମ: ହଁ ହଁ, ତମେ ବାରଣ୍ଡା ରଖାଯାଇଥିବା ଗୋରୁଦାନା ବସ୍ତା ଭିତରେ ରଖିଦିଅ, ନହେଲେ ଓଦା ହୋଇ ନଷ୍ଟ ହୋଇଯିବ। ମୁଁ ଏ ଝରକା ବନ୍ଦ କରିଦେଉଛି। (ଝରକା ବନ୍ଦ କରିବାର ଶବ୍ଦ, କୁଆପଥର ପଡ଼ିବା ଶବ୍ଦ କମିଯିବା)

ମହେନ୍ଦ୍ର: (ବସ୍ତା ତଳେ ରଖିବାର ଶବ୍ଦ) ଓହୋ... ଏ ପାଣିପାଗ ବି... ଏବେ ଏହାର କିଛି ବି ଠିକଠିକଣା ନାହିଁ। କେତେବେଳେ କୋଉ ରୂପ ଦେଖଉଛି, କିଛି ବି ଭରସା ନାହିଁ। ଏ କୁଆପଥର ତ ବାହାରୁ ଛିଟିକି ଆସି ଭିତରେ ପଡୁଛି। (ନିଜକୁ ନିଜେ) ଦୁଆର ବନ୍ଦ ନ କଲେ ଭିତରେ ଭରିଯିବ।

ହେମ: ସକାଳୁ ପାଗ କେତେ ଭଲ ଥିଲା। ଦିପହର ହଉ ହଉ ହଠାତ ସବୁ ବଦଳିବାରେ ଲାଗିଲା। ଆଉ ଏବେ ତ... (ଜୋର ବିଜୁଳି ମାରିବା)

ମହେନ୍ଦ୍ର: ଆରେ ଏବେ ବିଜୁଳି ବି ଚାଲିଗଲା। ଏବେ ତ ବୋଧେ ଯାଇ ସକାଳୁ ଆସିବ।

ହେମ: ଆରେ ଶୁଣ, ଟିକିଏ ସବିତାକୁ ଫୋନ ଲଗେଇଲ। ସେ ତ ଆସିବା

ସମୟ ହୋଇଗଲାଣି। ହଷ୍ଟେଲରୁ ତ ସେ ଦିପହରୁ ବାହାରିଲାଣି।

ମହେନ୍ଦ୍ର: ହଁ ହଁ ମୁଁ ଫୋନ ଲଗଉଛି। ଏବେ ପହଞ୍ଚିଯିବ। ମୁଁ ତ କହିଥିଲି ପାଗ ଖରାପ ହେଲେ ଘରକୁ ମୋଟେ ଆସିବୁନି। କିନ୍ତୁ ତା ଜିଦି। ଫୋନ ତ ବାଜୁଛି...

ମହେନ୍ଦ୍ର: (ବିରକ୍ତ ହୋଇ) ଏଇ ଦେଖ, ମୋ ମୋବାଇଲ ତ ବନ୍ଦ ହୋଇଗଲା। ବ୍ୟାଟେରୀ ସରିଗଲା।

(ଲ୍ୟାଣ୍ଡଲାଇନ ଘଣ୍ଟି ବାଜୁଛି)

ହେମ: ଦେଖିଲ. ଆମ ପୁରୁଣା ଫୋନ କାମ ଦେଲା ନା! ସବିତାର ଫୋନ ହୋଇଥିବ।

ମହେନ୍ଦ୍ର: (ଫୋନରେ କଥା ହୋଇ) ହ୍ୟାଲୋ.. ସବିତା... କୋଉଠି ପହଞ୍ଚିଲୁଣି... ଆଚ୍ଛା... ଆଚ୍ଛା... ଠିକ ଅଛି। କିଛି ଜଲ୍‌ଦି ନାହିଁ। ଠିକ ଅଛି... ଠିକ ଅଛି...ହଉ। (ଲ୍ୟାଣ୍ଡଲାଇନ ରଖିବାର ଶବ୍ଦ)

ହେମ: ସବିତା କ'ଣ କହୁଥିଲା?

ମହେନ୍ଦ୍ର: ଏବେ ପହଞ୍ଚିବ। କହୁଥିଲା ପାଞ୍ଚ ଦଶ ମିନିଟ ଭିତରେ ଘରେ ପହଞ୍ଚିଯିବ।

ହେମ: (ଝରକା ଖୋଲିବା ଶବ୍ଦ, କୁଆପଥର ପଡ଼ିବା ଶବ୍ଦ) କୁଆପଥର ପଡ଼ିବା ଟିକେ କମିଛି। ବର୍ଷା ଆଉ ତୋଫାନ ବି ବୋଧେ କିଛି ସମୟ ପରେ ବନ୍ଦ ହୋଇଯିବ। (ଝରକା ବନ୍ଦ କରିବା ଶବ୍ଦ)

ମହେନ୍ଦ୍ର: ହଁ, କିନ୍ତୁ ଏତିକି ସମୟ ଭିତରେ ଏ ବର୍ଷା ଆଉ ତୋଫାନ ଯାହା

କ୍ଷତି କରିବା କଥା ତ କରିସାରିଲାଣି। କେଜାଣି ପାଣିପାଗ ସହ ଆମର କି ଶତ୍ରୁତା। କେତେବେଳେ ମରୁଡ଼ି ତ କେବେବେଳେ ବନ୍ୟା, ପୁଣି କେତେବେଳେ କୁଆପଥର ମାଡ଼ ତ ପୁଣି ଆଉ କେତେବେଳେ ଝଡ଼।

ହେମ: ଠିକ କହିଛ। ମୁଁ ତ ପାଣିପାଗକୁ ଦେଖି ଚକିତ। ଆଗରୁ ହୋଲି ଯାଏଁ କେତେ ବଢ଼ିଆ ପାଗ ରହୁଥିଲା। ଶୀତ ନୁହେଁ କି ଗରମ ନୁହେଁ। କିନ୍ତୁ ଏବେ ଦେଖ। ଗତ ୧୫-୨୦ ବର୍ଷ ଭିତରେ କେତେ କ'ଣ ବଦଳିଗଲା। ଆମ ଚାଷୀମୂଲିଆଙ୍କୁ ତ ପାଣିପାଗ ଆହୁରି କେତେ କଷ୍ଟ ଦେଉଛି।

ମହେନ୍ଦ୍ର: ଅସୁବିଧା ତ ସମସ୍ତଙ୍କର ହେଉଛି। ସମସ୍ତେ ବି ଆଶ୍ଚର୍ଯ୍ୟ ଆଉ ବ୍ୟସ୍ତ ବି। କିନ୍ତୁ କ'ଣ କରାଯିବ? ଆଜି ବି ଏଇ କୁଆପଥର ଆଉ ତୋଫାନ କ'ଣ କମ୍ କ୍ଷତି କରିଥିବ!! ପୂରା କ୍ଷତିର ଆକଳନ ତ କାଲି ହିଁ ହୋଇପାରିବ। କେଜାଣି କୁଆଡ଼େ କୁଆଡ଼େ ଏ କୁଆପଥର ବର୍ଷା ହୋଇଛି।

ହେମ: କାଲି ତ ପଞ୍ଚାୟତ ଭବନରେ ସଭା ହେବାର ଥିଲା। ତମେ ଯିବ ତ?

ମହେନ୍ଦ୍ର: ହଁ ଠିକ ମନେପକେଇଛ। ସଭାକୁ ଯିବି ତ ନିଶ୍ଚୟ। ସେଠିକୁ କୃଷି ବିଜ୍ଞାନ କେନ୍ଦ୍ରରୁ କିଛି ଲୋକ ଆସିବାର ଅଛି। ବିଡିଓ ବି ରହିବେ। ପାଣିପାଗ ଠିକ ରହିଲେ ସଭା ନିଶ୍ଚୟ ହେବ।

ହେମ: ତାହାଲେ ସେଠି ଚାଷରେ ହେଇଥିବା କ୍ଷତି କଥା ନିଶ୍ଚୟ ଉଠେଇବ। (ହତାଶା ସ୍ୱରରେ) କେତେ ମାସର ପରିଶ୍ରମ କିଛି ଘଣ୍ଟାରେ ପାଣି ଫାଟିଯାଉଛି। କେହି କିଛି କରିବେ ନା ନାହିଁ?

(ଦୁଆର ଖଡ଼ଖଡ଼ ଶବ୍ଦ)

ମହେନ୍ଦ୍ର: ବୋଧେ ସବିତା ପହଞ୍ଚି ଗଲା।

(ଦୁଆର ଖୋଲିବାର ଶବ୍ଦ, ଚାଲିବାର ଶବ୍ଦ)

ହେମ: ସବିତା... ତୁ ବି... ମୋଟେ ମାନୁନୁ। ଏମିତି ପାଗରେ ଆସିବା କ'ଣ ଦରକାର ଥିଲା?

ମହେନ୍ଦ୍ର: ଆରେ ତାକୁ ଭିତରକୁ ତ ଆସିବାକୁ ଦିଅ। ଓଦା ହୋଇଯାଇଥିବ ବିଚାରୀ।

ସବିତା: ହଁ ବାପା, କୁଆପଥର ପଡ଼ିବା ବନ୍ଦ ହେବା ପରେ ହିଁ ମୁଁ ଘରକୁ ବାହାରିଲି। ବସ୍ ଷ୍ଟାଣ୍ଡରେ ତ ଆଗରୁ ପହଞ୍ଚି ଯାଇଥିଲି। ଏ ଛତା କିଛି କାମ ଦେଲାନାହିଁ। ଜୋର ପବନ, ତା ସାଙ୍ଗକୁ ବିଜୁଳି ନାହିଁ। ରାସ୍ତାରେ କେତେ ଗଛ ବି ପଡ଼ିଛି ଦେଖିଲି। (ଦୁଆର ବନ୍ଦ କରିବାର ଶବ୍ଦ) ଏବେ ତ ପାଣିପାଗ ଠିକ ହୋଇଗଲାଣି।

ହେମ: ଠିକ ଅଛି.. ଠିକ ଅଛି... ଜଲ୍ଦି ଯାଇ ଜାମା ବଦଳେଇ ଦେ। ନହେଲେ ଥଣ୍ଡା ଧରିବ।

ସବିତା: ହଁ ମା, ମୁଁ ଏବେ ଆସୁଛି। ଯଦି ହବ ତ ଗୋଟେ କପ୍ ଚା ବନେଇ ଦିଅ।

ମହେନ୍ଦ୍ର: ଚା ତ ମୁଁ ବି ପିଇବି। ଆଗ କାଲିର ସଭା ପାଇଁ ଜରୁରୀ କାଗଜପତ୍ର ଏକାଠି ସଜାଡ଼ି ରଖିଦିଏ।

ହେମ: ଠିକ କଥା। ଗାଁ ମୁଖିଆ ହେବା କିଛି ମାମୁଲି କଥା ନୁହେଁ। (ହସି

ହସି) ତମ ପାଇଁ ବି ତା ହୋଇଯିବ। ତମେ ତମର କାଗଜପତ୍ର ଏକାଠି କର ଆଉ ମୁଁ ରାତି ଖାଇବା ବ୍ୟବସ୍ଥା କରୁଛି।

ଦୃଶ୍ୟ ୨ (ଦିପହର ସମୟ, ଗାଁ ଲୋକ ପଞ୍ଚାୟତ ଭବନ ସାମନାରେ ଅଛନ୍ତି, ଗାଁ ଲୋକଙ୍କ କଥା ଶୁଣାଯାଉଛି, ମଝିରେ ମଝିରେ ସାଇକେଲ ଘଣ୍ଟି, ଗାଡ଼ିମଟର ହର୍ଣ୍ଣ)

ସବିତା: ବାପା, କାଲିର ବର୍ଷା ଝଡ଼ରେ ତ ବହୁତ କ୍ଷତି ହୋଇଛି। ଏ ପୂରା ଗଛଟି ପଞ୍ଚାୟତ ଭବନ ଉପରେ ପଡ଼ିଛି।

ମହେନ୍ଦ୍ର: ହଁ ସବିତା। ଏ ଝଡ଼ ଯୋଗୁ ତ ଆମ ଗାଁର ବହୁତ କ୍ଷତି ହୋଇଛି।

ମୀନା: ମୁଖିଆ ମଉସା, ପାଣିପାଗ ଯୋଗୁ ତ ପୂରା ଚାଷ ଉଜୁଡ଼ି ଯାଇଛି। ସେଥିପାଇଁ ତ ମୁଁ ଏ ସଭାକୁ ଆସିଛି। କିନ୍ତୁ ପଞ୍ଚାୟତ ଭବନରେ ତ ବସିବାକୁ ଜାଗା ବି ନାହିଁ। ଭାବୁଛି ଘରକୁ ଫେରିଯିବି।

ମହେନ୍ଦ୍ର: ନା ନା। ତମେ ରୁହ। ସଭା ତ ହବ ନିଶ୍ଚୟ। କିନ୍ତୁ ସାମନାରେ ସ୍କୁଲରେ ହେବ। କାଲି ମୁଁ ସ୍କୁଲର ପ୍ରଧାନଶିକ୍ଷକଙ୍କ ସହ କଥା ହୋଇଥିଲି। ସେ ସ୍କୁଲରେ ହିଁ ଆମ ସଭାର ଆୟୋଜନ କରି ଦେଇଛନ୍ତି। ବିଡିଓ ଆଗରୁ ଆସି ସେଠି ପହଞ୍ଚି ଗଲେଣି। ଅଳ୍ପ ସମୟ ପରେ ସ୍କୁଲ ଛୁଟି ହୋଇଯିବ। ତାପରେ ସମସ୍ତେ ସେଠିକୁ ଯିବା।

ମୀନା: ତମେ ଠିକ ବ୍ୟବସ୍ଥା କରିଦେଲ ମଉସା।

(ସ୍କୁଲ ଛୁଟି ଘଣ୍ଟା ବାଜୁଛି, )

ସବିତା: ଏଇ ତ ସ୍କୁଲ ଛୁଟି ହୋଇଗଲା। ବାପା, ଚାଲ ସ୍କୁଲ ଯିବା।

(ଲୋକମାନେ କଥା ହୋଇ ଯାଉଛନ୍ତି, ପାଦଶବ୍ଦ)

ମହେନ୍ଦ୍ର: ଆରେ ରାଜେଶ ବାବୁ, ଆପଣ କେତେବେଳେ ଆସିଲେ। ନମସ୍କାର ଆଜ୍ଞା। ବସନ୍ତୁ ବସନ୍ତୁ।

ରାଜେଶ: ମୁଁ ଏଇ ଟିକିଏ ଆଗରୁ ହିଁ ଆସିଛି। ବିଡିଓ ବି ଏଠିକୁ ଆସିବାର ଥିଲା, କିନ୍ତୁ ତାଙ୍କୁ ହଠାତ ଅନ୍ୟ ଗାଁକୁ ଯିବାକୁ ପଡ଼ିଲା। ଆପଣ ତ ଜାଣିଛନ୍ତି ଯେ କାଲି ସନ୍ଧ୍ୟାରେ ଆସିଥିବା ଝଡ଼ ଆଉ କୁଆପଥର ବର୍ଷା ଯୋଗୁ ଅନେକ ଜାଗାରେ ବହୁତ କ୍ଷତି ହୋଇଛି।

ମହେନ୍ଦ୍ର: ଆଜ୍ଞା ହଁ।

(ଚଉକି ଘୋଷାଡ଼ିବା ଶବ୍ଦ, ଭିଡ଼ର ଶବ୍ଦ)

ମହେନ୍ଦ୍ର: (ଟିକିଏ ଜୋର ସ୍ୱରରେ) ଦୟାକରି ସମସ୍ତେ ବସିଯାଆନ୍ତୁ। ଆମ ଗହଣରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ରାଜେଶ ଅଛନ୍ତି। ପୂରା ଗାଁ ତରଫରୁ ମୁଁ ତାଙ୍କୁ ସ୍ୱାଗତ କରୁଛି। ଏମିତି ତ ଆମର ଏ ବୈଠକ କିଛି ଅଲଗା ବିଷୟରେ ହେବାର ଥିଲା, କିନ୍ତୁ କାଲିର ଖରାପ ପାଗ ଯୋଗୁ ଆମର ଫସଲ, ଧନସମ୍ପତ୍ତି ବହୁତ କ୍ଷତି ହୋଇଛି। ଆପଣମାନେ ଏ ବିଷୟରେ କଥା କହିପାରିବେ।

ମୀନା: (ଅଭିଯୋଗ ସ୍ୱରରେ) ଆଜ୍ଞା, କେବେ କେବେ ତ ଆମକୁ ପରିବର୍ତ୍ତିତ ପାଣିପାଗ ବିଷୟରେ ସୂଚନା ରେଡିଓରୁ ମିଳିଥାଏ। ଏଥର କିନ୍ତୁ କିଛି ବି ସୂଚନା ମିଳିଲା ନାହିଁ। ପାଣିପାଗର କିଛି ଭରସା ନାହିଁ,

କେତେବେଳେ କ'ଣ ହୋଇଯିବ।

ରାଜେଶ: ଦେଖନ୍ତୁ, ପାଣିପାଗର ଏ ରୂପ କେବଳ ଏଇ ଅଞ୍ଚଳରେ ନୁହେଁ, ବରଂ ସବୁ ଜାଗାରେ ଦେଖାଯାଉଛି। ଆପଣ ମାନେ ତ ଦେଖୁଥିବେ ଯେ ଆମ ରାଜ୍ୟ ରାଜସ୍ଥାନର ମରୁଭୂମି ଅଞ୍ଚଳରେ ଲୋକେ ମରୁଡ଼ିର ମୁକାବିଲା କରୁଛନ୍ତି ନହେଲେ ବନ୍ୟାର ସାମନା କରୁଛନ୍ତି। ଗତ କିଛିବର୍ଷ ହେଲା ଏଭଳି ଚାଲିଛି।

ମୀନା: ହଁ ଏକଥା ତ ଠିକ।

ରାଜେଶ: ଆପଣମାନେ ବାଡମେରର ଉଦାହରଣ ନିଅନ୍ତୁ। ୨୦୧୫ ମସିହାରେ ଏଠିକାର ଦୁଇ ହଜାରରୁ ଅଧିକ ଗାଁ ମରୁଡ଼ିଗ୍ରସ୍ତ ଥିଲା। କିନ୍ତୁ ତା ପରବର୍ଷ ଏଠି ଭୀଷଣ ବର୍ଷା ହେଲା। ୨୦୧୬ ମସିହା ଅକ୍ଟୋବର ମାସରେ ସାଧାରଣରୁ ଚାରିଗୁଣ ଅଧିକ ବର୍ଷା ହେଲା ଏବଂ ବନ୍ୟା ଆସିଲା। ଗତ ଦୁଇଶହ ବର୍ଷ ଭିତରର ସବୁଠାରୁ ଭୟଙ୍କର ବନ୍ୟା କୁହାଯାଇପାରେ।

ମହେନ୍ଦ୍ର: ଠିକ କହିଛନ୍ତି ରାଜେଶ ବାବୁ, ପ୍ରଥମେ ତ ମୌସୁମୀ ଠିକ ସମୟରେ ଆସୁନାହିଁ ଏବଂ ତା ଉପରେ ପୁଣି ଅସମୟରେ ବର୍ଷା ଯୋଗୁ ଫସଲ କାଟିବା କଷ୍ଟକର ହୋଇପଡୁଛି। ପୂରା ଫସଲ ଚକ୍ର ଉପରେ ପ୍ରଭାବ ପଡୁଛି। ଜୋର ପବନ ଯୋଗୁ ମୁଗ, ବାଜରା ଏବଂ ରାଶି ଫସଲ ପୂରା ନଷ୍ଟ ହୋଇଗଲା।

ରାଜେଶ: ସେଇଆ ତ ମୁଁ କହୁଛି ଯେ ଧୀରେ ଧୀରେ ସବୁ କିଛି ବଦଳି

ଯାଉଛି। ବର୍ଷା, ଝଡ଼, ତୋଫାନ ସବୁର କ୍ରମ ବଦଳି ଯାଉଛି। ମୌସୁମୀର ତଥ୍ୟ ଅନୁସାରେ ୨୦୧୬ ମସିହାରେ ଯେଉଁ ଜୋର ବର୍ଷା ହେଲା ୧୦୦ ବର୍ଷ ପରେ ଏମିତି ହେଲା।।

ମହେନ୍ଦ୍ର: ଅଜବ କଥା। ଆଗରୁ ତ ପୂରା ଭରା ଭରା ପୋଖରୀ ଦେଖି ମନଖୁସି ହୋଇଯାଉଥିଲା। ଏବେ କିନ୍ତୁ ଏଇ ପାଣି ହିଁ ସମସ୍ୟାର କାରଣ ହୋଇଛି। ସେତେବେଳେ ସୂର୍ଯ୍ୟ କଷ୍ଟ ଦେଉଥିଲା ଏବେ ବର୍ଷା ହଇରାଣ କରୁଛି। ଏମିତି ହେବାର କାରଣ କ'ଣ? ଆମେ ତ ଏମିତି କିଛି ଭୁଲକାମ କରିନେ?

ରାଜେଶ: ଏଥିରେ କେବଳ ଆପଣଙ୍କର ଦୋଷ ନାହିଁ। ବରଂ ଏହା ପୂରା ଦୁନିଆରେ ଜଳବାୟୁ ପରିବର୍ତ୍ତନର ଗୋଟିଏ ନମୁନା ମାତ୍ର।

ମୀନା: ଜଳବାୟୁ ପରିବର୍ତ୍ତନର ନମୁନା? ମୁଁ ତ କିଛି ବୁଝିପାରୁନାହିଁ।

ସବିତା: ଆରେ ମାଉସୀ, ମୁଁ କହୁଛି। ଆମ ପୃଥିବୀ ବର୍ଷକୁ ବର୍ଷ ଗରମ ହେଉଛି। ଆଉ ଏଇ ବଢ଼ନ୍ତା ତାପମାତ୍ରା ଯୋଗୁ ସାରା ଦୁନିଆର ମୌସୁମୀରେ ବି ପରିବର୍ତ୍ତନ ଆସୁଛି। ବର୍ଷାର କିଛି ଠିକଠିକଣା ନାହିଁ କି ମରୁଡ଼ିର ବି ନାହିଁ। ମୁଁ ଠିକ କହିଲି ନା ସାର୍?

ରାଜେଶ: ପୂରା ଠିକ କହିଛ। ତମେ...

ମହେନ୍ଦ୍ର: ଆଜ୍ଞା, ଏ ମୋ ଝିଅ। କଲେଜରେ ପଢୁଛି। ଆଜି ଛୁଟି ଥିଲା ବୋଲି ଗାଁକୁ ଆସିଛି।

ରାଜେଶ: ଆଚ୍ଛା... ଆଚ୍ଛା...

ମୀନା: ଦେଖ, ଜଳବାୟୁ ପରିବର୍ତ୍ତନର କଥା ଏବେ ବି ମୁଁ ବୁଝିପାରୁନାହିଁ। କିନ୍ତୁ ମୋ ଅନୁଭୂତିରୁ ମୁଁ କହୁଛି ଯେ ମୌସୁମୀ ଲଗାତର ବଦଳି ଯାଉଛି। ବିଶେଷ କରି ଏହାର କ୍ରୋଧ ଅଧିକ ଦେଖାଯାଉଛି।

ରାଜେଶ: ଠିକ କଥା। ରାଜସ୍ଥାନର ଯେଉଁ ଅଞ୍ଚଳ ଶୁଷ୍କ ରହୁଥିଲା ଏବେ ସେଠି ପ୍ରାୟ ବନ୍ୟା ଆସୁଛି। ସେ ୨୦୦୬ ମସିହାରେ ବନ୍ୟା ହେଉ କି ୨୦୧୬ ମସିହାର ବନ୍ୟା ହେଉ। ସାଧାରଣତଃ ଏସବୁ ଅଞ୍ଚଳ ବନ୍ୟା ଯୋଗୁ ପରିଚିତ ନ ଥିଲେ, କିନ୍ତୁ ଏବେ ସେଠି ବାରମ୍ବାର ବନ୍ୟା ଆସୁଛି। ଆପଣ ବୋଧେ କିଛି କହିବାକୁ ଚାହୁଁଛନ୍ତି।

ସୁର: ଆଜ୍ଞା, ମୋ ନାଁ ସୁର। ମୋ ମତରେ ଆମେ ଗରମ ସହିପାରିବୁ, କିନ୍ତୁ ବନ୍ୟା ନୁହେଁ। ଆଉ ଏମିତି ସବୁବେଳେ ହେଉଛି।

ମହେନ୍ଦ୍ର: ତମେ ଠିକ କହିଛ ସୁର। ଭୀଷଣ ବନ୍ୟା ବିଷୟରେ ତ ଆମେ କେତେ ଚିନ୍ତା ବି କରୁ ନ ଥିଲେ। ଏବେ ତ ଡର ଲାଗିଲାଣି ଯେ କୋଉଦିନ ବାଦଲଫଟା ବର୍ଷା ହୋଇଯିବ।

ରାଜେଶ: ଦେଖନ୍ତୁ, ଡରିବାର ନୁହେଁ, କିନ୍ତୁ ସତର୍କ ରହିବା ଜରୁରୀ। ବାଦଲଫଟା ବର୍ଷା ଘଟଣା ଅଧିକାଂଶ ହିମାଳୟ ଅଞ୍ଚଳରେ ଦେଖାଯାଏ। କିନ୍ତୁ କିଛି ଘଟଣା ସମତଳ ଅଞ୍ଚଳରେ ବି ହେଉଛି।

ସୁର: ସାର୍, ୨୦୧୩ ମସିହାରେ ଉତ୍ତରାଖଣ୍ଡରେ ବାଦଲଫଟା ଯୋଗୁ ଅନେକ କ୍ଷତି ହୋଇଥିଲା ନା?

ରାଜେଶ: ହଁ ୨୦୧୩ ମସିହା ଜୁନ ମାସରେ କେଦାରନାଥରେ ଆସିଥିବା

ବିପର୍ଯ୍ୟୟକୁ ଭାରତୀୟ ଇତିହାସରେ ସବୁଠାରୁ ଭୟଙ୍କର ବନ୍ୟା ଧରାଯାଏ। ସେଠି ବାଦଲ ଫାଟିବା ପରେ ଆସିଥିବା ବନ୍ୟାରେ ସାଢ଼େ ପାଞ୍ଚ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

ମୀନା: ଏ ତ ବଡ଼ ଭୟଙ୍କର ସ୍ଥିତି। ମୁଁ ତ ଶୁଣିଛି ଯେ ପାହାଡ଼ି ଅଞ୍ଚଳରେ ତ ଆଗରୁ ବି ବର୍ଷା ହୁଏ ଆଉ ସେ ବେଶ୍ କିଛିଦିନ ଧରି ଚାଲେ। କିନ୍ତୁ ଏତେ ମାତ୍ରାରେ କ୍ଷୟକ୍ଷତି ହେବା ଆଗରୁ କେବେ ଶୁଣି ନ ଥିଲୁ।

ସବିତା: ମାଉସୀ, ଏହିଭଳି ହଠାତ ଜୋର ବର୍ଷା, ଝଡ଼, କୁଆପଥର ବର୍ଷା ଘଟଣା ଏଇ ନିକଟ କିଛି ବର୍ଷରେ ଅଧିକ ହେଉଛି। ଆଉ ଏହାଯୋଗୁ କ୍ଷତି ବି ବହୁତ ହେଉଛି। ଅବଶ୍ୟ ଏଭଳି ଘଟଣା ଆଗରୁ ବି ହୋଇଛି। ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ଚିରଗାଁରେ ବାଦଲ ଫାଟିଥିଲା, ଏଥିରେ ଦେଢ଼ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।

ରାଜେଶ: ପୂରା ଠିକ କଥା। ବାସ୍ତବରେ ଯଦି ଆମେ ଗତ କିଛିବର୍ଷ ହଠାତ ଜୋର ବର୍ଷା ଏବଂ ବନ୍ୟା ଆସିବା କଥା ଦେଖିବା ତ ଜାଣିବା ଯେ ଏଭଳି ଘଟଣା ବାରମ୍ବାର ହେଉଛି ଆଉ ଅଧିକ ବିନାଶକାରୀ ବି। ୨୦୧୮ ମସିହାରେ ଅଗଷ୍ଟ ମାସରେ କେରଳରେ ଆସିଥିବା ବନ୍ୟା ବି ବହୁତ ଭୟଙ୍କର ଥିଲା।

ସୁର: ଆଜ୍ଞା, ମୁଁ ଖବରରେ ଶୁଣିଥିଲି ଯେ ଏଇ ବନ୍ୟା ଯୋଗୁ ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ଲକ୍ଷ ଲକ୍ଷ ଲୋକ ନିଜ ଘର ଛାଡ଼ିବାକୁ ବାଧ୍ୟ ହୋଇଥିଲେ।

ରାଜେଶ: ହଁ, ଅଗଷ୍ଟ ୮ ତାରିଖ ୨୦୧୮ ମସିହା ଦିନ ଏମିତି ବର୍ଷା ହେଲା ଯେ ଦଶଦିନ ଯାଏଁ ଅଟକିଲା ନାହିଁ। ଏହି ସମୟ ଭିତରେ ସାଧାରଣଠାରୁ ଅଢ଼େଇ ଗୁଣ ଅଧିକ ପାଣି ବର୍ଷିଲା। ବନ୍ୟା ଯୋଗୁ କେରଳରେ ବିଜୁଳି, ପିଇବା ପାଣି ଏବଂ ପରିବହନ ସୁବିଧା ବିଧ୍ୱସ୍ତ ହୋଇଗଲା। ପ୍ରଭାବିତ ଲୋକଙ୍କ ପାଇଁ ଦୁଇ ହଜାରରୁ ଅସ୍ଥାୟୀ ଶିବିର ତିଆରି କରାଯାଇଥିଲା।

ସୁର: ଓହୋ!! ଏ ତ ବଡ଼ ମୁସ୍କିଲ କଥା।

ରାଜେଶ: ବନ୍ୟାରେ କେବଳ ଧନଜୀବନ ନଷ୍ଟ ହୋଇନାହିଁ, ପ୍ରାକୃତିକ ସମ୍ପଦ ବି ପ୍ରଭାବିତ ହୋଇଛି। ପଶ୍ଚିମଘାଟ ଅଞ୍ଚଳରେ ଥିବା ଇକୋ ସେନ୍‌ସିଟିଭ୍ ଅଞ୍ଚଳରେ ବି ଅନେକ କ୍ଷତି ହୋଇଛି। ପ୍ରାୟ ୧୦୦ ବର୍ଷ ଆଗେ ୧୯୨୪ ମସିହାରେ କେରଳରେ ପ୍ରବଳ ବନ୍ୟା ଆସିଥିଲା ଏବଂ ତିନିସପ୍ତାହ ଧରି ପ୍ରଳୟ ରଚିଥିଲା।

ମୀନା: ଆଚ୍ଛା, ତା ମାନେ ଏବେ ରାଜସ୍ଥାନରେ ବି ଆମକୁ ଏଭଳି ପରିସ୍ଥିତି ପାଇଁ ପ୍ରସ୍ତୁତ ହୋଇ ରହିବା ଦରକାର।

ରାଜେଶ: ଦେଖନ୍ତୁ, ସେମିତି କିଛି କଥା ନାହିଁ, କିନ୍ତୁ ଏତିକି ତ ନିଶ୍ଚିତ ଯେ ଏବେ ପାଣିପାଗକୁ କେତେବେଳେ କ୍ରୋଧ ଆସିବ କହିହେବ ନାହିଁ। ଆମେ ମୌସୁମୀର ଗତ ଇତିହାସ ଆଧାରରେ କୌଣସି ନିଷ୍ପତ୍ତି ନେଇପାରିବା ନାହିଁ। ଗତ କିଛି ବର୍ଷ ଭିତରେ ଆସିଥିବା ଜୋର ବର୍ଷା ଏବଂ ବନ୍ୟା କଥା କହିଲେ ଆମ ସାମନାରେ ଏମିତି ଅନେକ ଘଟଣା ରହିଛି।

ମୀନା: ବହୁତ ଘଟଣା?? ଯେମିତିକି?

ରାଜେଶ: ୨୦୦୫ ମସିହାରେ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ବର୍ଷା ଯୋଗୁ ଅନେକ ଧନଜନ ନଷ୍ଟ ହୋଇଥିଲା। କେବଳ ମୁମ୍ବାଇରେ ହିଁ ଚାରିଶହରୁ ଅଧିକ ଲୋକଙ୍କର ଜୀବନ ଚାଲିଯାଇଥିଲା। କେବଳ ସମତଳ ଅଞ୍ଚଳରେ ଏଭଳି ବର୍ଷା ହୋଇ ନ ଥିଲା, ବରଂ ହିମାଳୟ ଅଞ୍ଚଳରେ ବି ଏମିତି ଦେଖାଯାଇଥିଲା। ସାଧାରଣତଃ ଲେହରେ ବର୍ଷା ବହୁତ କମ୍ ହୁଏ। ୨୦୧୦ ମସିହା ଅଗଷ୍ଟ ମାସରେ ସେଠି ଆସିଥିବା ବନ୍ୟା ହାହାକର ସୃଷ୍ଟି କରିଥିଲା। ଏଥିରେ ଅଢ଼େଇ ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

ସବିତା: ସାର୍, ଲେହକୁ ତ ଆମ ଦେଶର ଥଣ୍ଡା ମରୁଭୂମି କୁହାଯାଏ।

ରାଜେଶ: ହଁ ସବିତା। ଏହାଛଡ଼ା ୨୦୧୨ ମସିହାରେ ଆସାମର ବ୍ରହ୍ମପୁତ୍ର ନଈର ବନ୍ୟା, ୨୦୧୪ ମସିହାରେ ଜମ୍ମୁ କାଶ୍ମୀର ଏବଂ ୨୦୦୪ ମସିହାରେ ବିହାରରେ ଆସିଥିବା ବନ୍ୟା ଅନେକ କ୍ଷତି କରିଥିଲା।

ସବିତା: ସାର୍, ୨୦୧୫ ମସିହା ଡିସେମ୍ବର ୨ ଆଉ ୩ ତାରିଖ ଦିନ ଚେନ୍ନାଇରେ ଆସିଥିବା ବନ୍ୟା ବି ବଡ଼ ଭୟଙ୍କର ଥିଲା।

ରାଜେଶ: ହଁ। ଏହି ସମୟରେ ଚେନ୍ନାଇରେ ଗତ ଶହେ ବର୍ଷ ତୁଳନାରେ ଅଧିକ ବର୍ଷା ହେବାର ରେକର୍ଡ କରାଯାଇଛି। ଏହି ବନ୍ୟା ଯୋଗୁ ଅଢ଼େଇଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବାସ୍ତବରେ ଗତ କେତେ ବର୍ଷରେ ଦେଖାଯାଉଛି ଯେ ବର୍ଷାର ପ୍ରକୃତିରେ ପରିବର୍ତ୍ତନ

ଆସୁଛି। ଏହା ଜୁନ ବଦଳରେ ତା ପରେ ଅଗଷ୍ଟ, ସେପ୍ଟେମ୍ବରରେ ଅଧିକ ବର୍ଷା ହେଉଛି। ଆଉ ଏଇ ପରିବର୍ତ୍ତନ ଏଇ କିଛିବର୍ଷ ହେବ ଦେଖାଯାଉଛି।

ମହେନ୍ଦ୍ର: ସାର୍, କିନ୍ତୁ ଆମେ ତ ଏୟା ବି ଦେଖୁଛୁ ଯେ ବର୍ଷାର ପ୍ରକୃତି ଯେଉଁ ଗତିରେ ବଦଳିଛି, ସେହିଭଳି ଖରାଦିନେ ବି ପ୍ରବଳ ଗରମ ହେଉଛି। ଶୀତଦିନ ତୁଳନାରେ ଗ୍ରୀଷ୍ମଋତୁ ଟିକିଏ ଅଧିକ ଲମ୍ବା ହେଉଛି।

ରାଜେଶ:ଆପଣ ପୂରା ଠିକ କହିଛନ୍ତି ମୁଖିଆ ମଉସା। ଗତ ପଚାଶ ବର୍ଷ ଭିତରେ ଲୁ ଅର୍ଥାତ ଗରମ ପବନର ପ୍ରବାହ ବହୁତ ଅଧିକ ହେଉଛି। ଏହା ପ୍ରାୟ ଅଢ଼େଇ ଗୁଣ ଅଧିକ ହୋଇଥିବାର ଜଣାଯାଉଛି। ୨୦୧୫ ମସିହାରେ ଆମ ଦେଶରେ ଲୁ ଏବଂ ଗ୍ରୀଷ୍ମପ୍ରବାହ ଯୋଗୁ ଦୁଇହଜାରରୁ ଅଧିକ ଲୋକ ମୃତ୍ୟୁ ଲଭିଛନ୍ତି।

ମହେନ୍ଦ୍ର: ହଁ ମୋର ମନେଅଛି। ସେସମୟରେ ଗରମ ପ୍ରବାହ ଯୋଗୁ କେବଳ ମଣିଷ ନୁହେଁ, ପଶୁପକ୍ଷୀ ବି ବହୁତ ଅସୁବିଧା ଭୋଗିଥିଲେ।

ରାଜେଶ:ଆମ ଦେଶରେ ୨୦୧୬ ମସିହାରେ ବି ଗ୍ରୀଷ୍ମପ୍ରବାହ ଯୋଗୁ ହଜାରେରୁ ଅଧିକ ଲୋକ ମରିଥିଲେ। ସେତେବେଳେ କେବଳ ତେଲେଙ୍ଗାନାରେ ହିଁ ଏପ୍ରିଲ ମେ ମାସରେ ପ୍ରାୟ ତିନିଶହ ଲୋକଙ୍କ ଜୀବନ ଯାଇଥିଲା। ଏହି ଗ୍ରୀଷ୍ମପ୍ରବାହର ଦକ୍ଷିଣଭାରତ, ମଧ୍ୟ ଭାରତ ଏବଂ ପଶ୍ଚିମ ଭାରତରେ ସବୁଠାରୁ ଅଧିକ ପ୍ରଭାବ ପଡ଼ିଥିଲା। ଏହାଛଡ଼ା, ୨୦୧୬ ମସିହା ଏଯାଏଁ ସବୁଠାରୁ ଉତ୍ତପ୍ତ ବର୍ଷ ହୋଇ ରହିଛି।

ମହେନ୍ଦ୍ର: (ଚମକି ପଡ଼ି) ଆଚ୍ଛା!

ରାଜେଶ: ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତର ସବୁଠାରୁ ଉତ୍ତପ୍ତ ଦଶକ ହେଉଛି ଗତ ଦଶକ ମାନେ ୨୦୦୭ ମସିହାରେ ୨୦୧୮ ଯାଏଁ।

ମୀନା: ଆଜ୍ଞା, ଆମ ଗାଁରେ ଯେମିତି ଝଡ଼ କାଲି ଆସିଥିଲା, ସେ ବି କିଛି କମ୍ ବିପଦଜନକ ନ ଥିଲା।

ରାଜେଶ: ଠିକ କହିଛନ୍ତି ଆପଣ। ଗତ କିଛି ବର୍ଷ ଭିତରେ ଏଭଳି ହଠାତ ଝଡ଼ ଆସିବା ଘଟଣା ଅନେକ ବଢ଼ିଯାଇଛି। ଏବେ ନିକଟରେ ୨୦୧୮ ମସିହାର ମେ ମାସ ଆରମ୍ଭରେ ଆସିଥିବା ଝଡ଼ କଥା ଦେଖିପାରିବା।

ମହେନ୍ଦ୍ର: ହଁ ଆଜ୍ଞା, ସେ ଝଡ଼ ତ ବୋଧେ ଆମ ରାଜ୍ୟରୁ ଆରମ୍ଭ ହୋଇ ହରିୟାଣା ଏବଂ ଉତ୍ତର ପ୍ରଦେଶ ଆଡ଼କୁ ଯାଇଥିଲା।

ରାଜେଶ: ଠିକ କହିଛନ୍ତି। ୨୦୧୮ ମସିହା ମେ ୨ ତାରିଖ ଦିନ ଆରମ୍ଭ ହୋଇଥିବା ଝଡ଼ ଉତ୍ତର ଭାରତରେ ଶହେରୁ ଅଧିକ ଲୋକଙ୍କ ଜୀବନ ନେଇଗଲା ଏବଂ ଅନେକ ଧନସମ୍ପତ୍ତି ନଷ୍ଟ ହେଲା। ଏହି ଜୋର ପବନ ଅବଶ୍ୟ ଅଧିକ ସମୟ ଧରି ରହୁନାହିଁ, କିନ୍ତୁ କ୍ଷତି ବହୁତ କରିଦେଇ ଯାଉଛି। ୨୦୧୮ ମସିହାରେ ଧୂଳିଝଡ଼ ଘଟଣା ପ୍ରାୟ ୫୦ରୁ ଅଧିକ ଥର ହୋଇଛି ଏବଂ ଏଥିରେ ୫୦୦ରୁ ଅଧିକ ଲୋକ ମରିଛନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହା ତୁଳନାରେ ୨୦୦୩ରୁ ୨୦୧୭ ମସିହା ଭିତରେ ଏଭଳି ଝଡ଼ ୨୨ ଥର ହୋଇଛି।

ମୀନା: ତା ମାନେ ଏଭଳି ଝଡ଼ ବି ବଢୁଛି। କାଲି ଆମ ଗାଁରେ ହୋଇଥିବା ଝଡ଼ ଆଉ କୁଆପଥର ବର୍ଷା ଯୋଗୁ ବହୁତ କ୍ଷତି ହୋଇଛି। ଆମକୁ କିଛି ସହାୟତା ମିଳିବ ନା ନାହିଁ?

ମହେନ୍ଦ୍ର: ହଁ ହଁ, ସହାୟତା ନିଶ୍ଚୟ ମିଳିବ। (ସମ୍ବୋଧନ କରିବା ସ୍ୱରରେ) ଦେଖନ୍ତୁ, ଆପଣ ସମସ୍ତେ ଆପଣଙ୍କ କ୍ଷେତରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ଦରଖାସ୍ତ କରନ୍ତୁ। ଆମେ ସେସବୁକୁ ବ୍ଲକ୍ ଏବଂ ତହସିଲ ଅଫିସ ପଠେଇଦେବୁ। ଯେଉଁମାନେ ଲେଖିକି ଆଣିଛନ୍ତି ସେମାନେ ମୋ ପାଖରେ ଜମା କରିଦିଅନ୍ତୁ।

(ଭିଡ଼ର ଶବ୍ଦ)

ମହେନ୍ଦ୍ର: ଆଜ୍ଞା, ଆପଣଙ୍କ ସହ ଆଲୋଚନା କରି ଆମକୁ ବହୁତ ଖୁସି ଲାଗିଲା, ଅନେକ କିଛି ଜାଣିବାକୁ ମିଳିଲା। ଚାଲନ୍ତୁ ଚା ପ୍ରସ୍ତୁତ, ଚା ପିଇବା।

ରାଜେଶ: ହଁ ମୁଖିଆ ମଉସା।

ସବିତା: ତମେମାନେ ଚା ପିଅ, ମୁଁ ଘରକୁ ଯାଉଛି। ସାର୍, ମୋ ମନରେ ଏବେ ବି ବହୁତ ପ୍ରଶ୍ନ ରହିଛି। ଆପଣଙ୍କ ପାଖରେ ସମୟ ଥିଲେ ମୁଁ କାଲି ବିଜ୍ଞାନକେନ୍ଦ୍ର ଆସି ଆପଣଙ୍କୁ ଭେଟିବି?

ରାଜେଶ: ହଁ ହଁ ନିଶ୍ଚୟ। କାଲି ଦିପହର ପରେ ଯେତେବେଳେ ବି ଆସିପାରିବ।

ସବିତା: ଠିକ ଅଛି ସାର୍, ନମସ୍କାର। ଏବେ ମୁଁ ଯାଉଛି।

ଦୃଶ୍ୟ ୩

ବିଜ୍ଞାନ କେନ୍ଦ୍ରର ପରିସର, ସନ୍ଧ୍ୟା ସମୟ, ଚଢ଼େଇ ସ୍ୱର)

ସବିତା: ବାପା, ଆମେ ତ ଏଠିକୁ ଆଗରୁ ବି ଆସିଛେ ନା/

ମହେନ୍ଦ୍ର: ହଁ ଝିଅ, ଏଠିକୁ ତ ଯିବା ଆସିବା ଲାଗିଥାଏ।

ସବିତା: ହେଇ ସେଠି ଡ. ରାଜେଶ। ବୋଧେ ଆମକୁ ଅପେକ୍ଷା କରିଛନ୍ତି।

ମହେନ୍ଦ୍ର: (ବଡ଼ ପାଟିରେ) ନମସ୍କାର ଡକ୍ଟର ଆଜ୍ଞା।

ରାଜେଶ: (ସ୍ୱର ଦୂରରୁ ଆସିବା) ନମସ୍କାର ମୁଖିଆ ମଉସା। ଆସନ୍ତୁ... ଆସନ୍ତୁ...

(ପାଦଶବ୍ଦ)

ସବିତା: ନମସ୍କାର ସାର୍।

ରାଜେଶ: ଆସନ୍ତୁ... ଆସନ୍ତୁ...। ମୁଁ ଅପେକ୍ଷା କରିଥିଲି। ବସନ୍ତୁ, ଆପଣମାନେ।

(ଚଉକି ଶବ୍ଦ)

ରାଜେଶ: କ'ଣ ପଚାରିବାକୁ ଚାହୁଁଥିଲ।

ସବିତା: ସାର୍, ଏକଥା ତ ମୁଁ ବୁଝିଗଲି ଯେ ଗତ କେତେ ବର୍ଷ ଧରି ଜଳବାୟୁରେ ହଠାତ ପରିବର୍ତ୍ତନ ଆସିଛି। ମାନେ ଅତି ତୀବ୍ର ଘଟଣା ବହୁତ ବଢ଼ିଯାଇଛି। ସେ ବାଦଲଫଟା ବର୍ଷା ହେଉ କି ଝଡ଼ ତୋଫାନ ବା ଗ୍ରୀଷ୍ମପ୍ରବାହ ହେଉ।

ରାଜେଶ: ଠିକ କହିଛ।

ସବିତା: କିନ୍ତୁ ସାର୍, ଯଦି ଆମ ରାଜସ୍ଥାନ ଭଳି ଶୁଷ୍କ ଅଞ୍ଚଳରେ ବର୍ଷା ଆଉ ବନ୍ୟା ବଢୁଛି ଏ କ'ଣ ଆମ ପାଇଁ ଭଲ ନୁହେଁ? ଏହାଦ୍ୱାରା ତ ଆମ ଶୁଷ୍କ ଅଞ୍ଚଳରେ ସବୁଜିମା ଭରିଯିବ।

ମହେନ୍ଦ୍ର: ଝିଅ, ମୁଁ ବି ଏକଥା କାଲି ଭାବୁଥିଲି। କିନ୍ତୁ ପଚାରି ପାରି ନ ଥିଲି।

ରାଜେଶ: ଦେଖ ସବିତା, ତମ କଥା ଠିକ। କିନ୍ତୁ ଏକଥାକୁ ଏଦିଗରୁ ଦେଖ। ମରୁଭୂମିରେ ବନ୍ୟା ଆସିଲେ ଆର୍ଦ୍ରତା ତ ବଢ଼ିବ, କିନ୍ତୁ ଶୁଷ୍କ ଅଞ୍ଚଳରେ ଯେଉଁ ଗଛଲତା ବଢ଼ନ୍ତି ସେସବୁ ଉଭେଇ ଯିବେ। ଯେମିତି ଯୋଧପୁରରେ ୨୦୧୫ ମସିହାରେ ତାପମାତ୍ରା ୪୭ ଡିଗ୍ରୀ ହୋଇଯାଇଥିଲା। ଏତେ ଉଚ୍ଚ ତାପମାତ୍ରାରେ ରହୁଥିବା ଗଛଲତା, କୀଟପତଙ୍ଗ କ'ଣ ଏ ଜୋର ବର୍ଷା ଆଉ ଆର୍ଦ୍ରତା ସହିପାରିବେ?

ମହେନ୍ଦ୍ର: ଆପଣ ଠିକ କହିଛନ୍ତି ଆଜ୍ଞା। ମୁଁ ବି ଲକ୍ଷ୍ୟ କରିଛି ଯେବେଠୁ ବର୍ଷା ବଢ଼ିଛି, ଆଖପାଖର ହରିଣଙ୍କ ସଂଖ୍ୟା ବହୁତ କମିଯାଇଛି। କେଜାଣି କୁଆଡ଼େ ଚାଲିଗଲେ?

ରାଜେଶ: ବାସ୍ତବରେ ସେ ହରିଣ ଶୁଖିଲା ଅଞ୍ଚଳ ପସନ୍ଦ କରନ୍ତି। ଲଗାତର ବର୍ଷା ଆଉ ବନ୍ୟା ଯୋଗୁ ତାଙ୍କ ଅଞ୍ଚଳ ସନ୍ତସନ୍ତିଆ ହୋଇଯାଇଛି, ସେଥିପାଇଁ ହରିଣ ସେ ଅଞ୍ଚଳ ଛାଡ଼ି ଦେଇଛନ୍ତି।

ସବିତା: ହଁ ତାଙ୍କ ପାଇଁ ତ ବହୁତ ଅସୁବିଧା ହେବ। ତା ମାନେ ଏସବୁ ପ୍ରଭାବ ପୂରା ପରିସ୍ଥିତିକୀ ଉପରେ ପଡୁଛି। ମୁଁ ପଢ଼ିଥିଲି ଯେ ଏମିତି ଘଟଣା

କେବଳ ଆମ ଦେଶରେ ନୁହେଁ, ପୂରା ଦୁନିଆରେ ଘଟୁଛି। ଆଉ ବୋଧେ ଏ ସବୁ ପଛରେ ଜଳବାୟୁ ପରିବର୍ତ୍ତନ ଆଉ ବିଶ୍ୱ ଉଷ୍ମାୟନ ଦାୟୀ।

ରାଜେଶ: ପ୍ରକୃତରେ ଏଭଳି ଘଟଣା ଦେଖି କେବଳ ଅନୁମାନ କରାଯାଇ ପାରିବନାହିଁ ଯେ ଏହାର କାରଣ ଜଳବାୟୁ ପରିବର୍ତ୍ତନ ବା ପାଣିପାଗର ସ୍ଥାନୀୟ ସ୍ଥିତି।

ସବିତା: କିନ୍ତୁ ସାର୍, ଯେବେଠାରୁ ପୃଥିବୀର ତାପମାତ୍ରା ବଢ଼ିବା ରେକର୍ଡ କରାଯାଇଛି, ସେବେଠାରୁ ତ ଏଭଳି ଘଟଣା ବଢୁଛି।

ରାଜେଶ: ହଁ ଏ କଥା ଠିକ। ବିଶ୍ୱ ଉଷ୍ମାୟନ ଏବଂ ତୀବ୍ର ପାଣିପାଗ ସହିତ ସମ୍ପର୍କ ଯୋଡ଼ା ଯାଇଛି।

ସବିତା: କେମିତି?

ରାଜେଶ: ବାଦଲଫଟା ବା ଅଦିନିଆ ବର୍ଷା କଥା ଦେଖନ୍ତୁ। ବର୍ଷା ପାଇଁ ବାଦଲ ଜରୁରୀ। ବାଦଲ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ଆଉ ଦୁନିଆର ଜଳବାୟୁ ପ୍ରଣାଳୀ ଭିତରେ ଗୋଟିଏ ଦୂତ ଭଳି କାମ କରେ। ତମେ ପଶ୍ଚିମ ବିକ୍ଷୋଭ ବା ୱେଷ୍ଟର୍ଣ୍ଣ ଡିଷ୍ଟର୍‌ବାନ୍‌ସ୍ ବିଷୟରେ ତ ଶୁଣିଥିବ। ବିଶ୍ୱ ଉଷ୍ମାୟନ ଯୋଗୁ ପଶ୍ଚିମ ବିକ୍ଷୋଭର ଗୁଣଧର୍ମ ବଦଳିଯାଇଛି ଆଉ ଏହାର ପ୍ରଭାବ ଭାରତର ପାଣିପାଗ ଉପରେ ପଡୁଛି।

ମହେନ୍ଦ୍ର: ଆଜ୍ଞା। ପାଣିପାଗର ସମାଚାରରେ ପ୍ରାୟ ଏଇ ଶବ୍ଦ ଶୁଣିବାକୁ ମିଳେ। କିନ୍ତୁ ଏହାର ଅର୍ଥ କ'ଣ ଆଉ ଆମ ଦେଶର ପାଣିପାଗ ସହ ଏହାର ସମ୍ପର୍କ କ'ଣ?

ରାଜେଶ: ମୁଁ ବୁଝେଇ ଦେଉଛି। ପଶ୍ଚିମ ବିକ୍ଷୋଭ ଏକପ୍ରକାରର ଗ୍ରୀଷ୍ମମଣ୍ଡଳୀୟ ଝଡ଼। ଏହି ଝଡ଼ କାସ୍‌ପିଆନ ସାଗରରୁ ଆରମ୍ଭ ହୋଇ ଭାରତ ପହଞ୍ଚେ। ଏଇ ବାୟୁ ଯୋଗୁ କିଛି ସମୟ ପାଇଁ ପାଣିପାଗର ସ୍ଥିତି ବଦଳିଯାଏ।

ସବିତା: କିନ୍ତୁ ସାର୍, ବିଶ୍ୱ ଉଷ୍ମାୟନ ସହ ଏହାର ସମ୍ପର୍କ କ'ଣ?

ରାଜେଶ: ହଁ ସମ୍ପର୍କ ରହିଛି। ଦୁନିଆରେ ତାପମାତ୍ରା ବଢ଼ିବା ପ୍ରଭାବ ଆର୍‌ଟିକର ଜଳବାୟୁ ଉପରେ ବି ପଡ଼ିଛି। ଆଉ ଏହାଯୋଗୁ ପଶ୍ଚିମ ବିକ୍ଷୋଭର ବ୍ୟବହାର ବି ବଦଳି ଯାଇଛି। ଆଗରୁ ବର୍ଷକ ଭିତରେ ଦୁଇ ତିନି ଥର ପଶ୍ଚିମ ବିକ୍ଷୋଭ ଆସୁଥିଲା। କିନ୍ତୁ ଏଇ କିଛି ବର୍ଷ ହେବ ଏହାର ସଂଖ୍ୟା ବା ପୁନରାବୃତ୍ତି ସଂଖ୍ୟା ଲଗାତର ବଢ଼ୁଛି। ଆଗରୁ ଏ ବାୟୁ ସାଧାରଣତଃ ଶୀତଦିନେ ଆସୁଥିଲା, ଆଉ ହିମାଳୟ ଅଞ୍ଚଳରେ ବର୍ଷାର କାରଣ ହେଉଥିଲା। କିନ୍ତୁ ଏବେ ଏଇ ବାୟୁ ଏପ୍ରିଲ, ମେ ବା ଜୁନ ମାସରେ ବି ଆସିଯାଉଛି। ଆଉ ଏହାର ଫଳ ତ ତମେ ଦେଖୁଛ।

ସବିତା: ତା ମାନେ ଉତ୍ତପ୍ତ ହେଉଥିବା ପୃଥିବୀ ପଶ୍ଚିମ ବିକ୍ଷୋଭର ଗୁଣଧର୍ମ ବଦଳେଇ ଦେଇଛି। ଆଉ ଏହା ଫଳରେ ଆମ ଦେଶରେ ପାଣିପାଗ ହଠାତ ବଦଳି ଯାଉଛି।

ରାଜେଶ: ଠିକ କଥା। ଆଉ ଏସବୁ କେବଳ ବାଦଲଫଟା, ଗ୍ରୀଷ୍ମପ୍ରବାହ ବା ଝଡ଼ତୋଫାନରେ ସୀମିତ ନାହିଁ। ହିମାଳୟ ଅଞ୍ଚଳରେ ଅନେକ ଥର ଅସାଧାରଣ ଭାବରେ ଅତି ଅଧିକ ବା ବହୁତ କମ୍ ତୁଷାରପାତ ହେବା ଦେଖାଯାଉଛି।

ମହେନ୍ଦ୍ର: କିନ୍ତୁ ସାର୍, ଅଦିନିଆ ବର୍ଷା ତ ଆଗରୁ ବି ହେଉଥିଲା ଆଉ ବନ୍ୟା ବି କେବେ କେମିତି ଆସୁଥିଲା।

ରାଜେଶ: ଆପଣଙ୍କ କଥା ଠିକ ମୁଖିଆ ମଉସା। କିନ୍ତୁ ଗତ ଶତାବ୍ଦୀର ଆରମ୍ଭ ବର୍ଷ ତୁଳନାରେ ଏ ଶତାବ୍ଦୀରେ ତୀବ୍ର ପାଣିପାଗ ଘଟଣା ବହୁତ ବଢ଼ିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଠାତ ପାଣିପାଗ ବଦଳିବା ଏଭଳି ଘଟଣା ପ୍ରାୟ ଶହେଗୁଣ ଅଧିକ ବଢ଼ିଛି। ମାନେ ଜଳବାୟୁ ପରିବର୍ତ୍ତନର ଘଟଣା ଆଗରୁ ଅଧିକ ଜୋରରେ ଦେଖାଯାଉଛି।

ମହେନ୍ଦ୍ର: ତାହେଲେ ଆମେ କ'ଣ କରିବା ଯେଉଁଥିରେ ଆମକୁ ଏ ପ୍ରାକୃତିକ ବିପଦ ସହ ଲଢ଼ିବାକୁ ପଡ଼ିବନାହିଁ?

ରାଜେଶ: ଦେଖନ୍ତୁ, ଏମିତି କିଛି କରିବା ତ ସମ୍ଭବ ନୁହେଁ ଯେଉଁଥିରୁ ସାଙ୍ଗେ ସାଙ୍ଗେ ରକ୍ଷା ମିଳିଯିବ। କାରଣ ଗତ ଶହେ ବର୍ଷରୁ ଅଧିକ ସମୟ ଧରି ଦାୟିତ୍ୱହୀନତା ଏବଂ ସମ୍ବେଦନହୀନତାର ଫଳ ହେଉଛି ବିଶ୍ୱ ଉଷ୍ମାୟନ। ଆମେ ଶକ୍ତି  ସଂରକ୍ଷଣ, ଜଳ ସଞ୍ଚୟ ଆଦିର ଫଳପ୍ରଦ ଉପାୟ ଗ୍ରହଣ କରି ଭବିଷ୍ୟତରେ କ୍ଷତିର ପରିମାଣ କମ୍ କରିପାରିବା। ଯଦି ପୃଥିବୀର ତାପମାତ୍ରା ଏହିଭଳି ବଢ଼ିଚାଲେ ତାହେଲେ ପାଣିପାଗର କ୍ରୋଧ ବି ଆମକୁ ସହିବାକୁ ହେବ।

ମହେନ୍ଦ୍ର: କିଛି ନା କିଛି ତ କରିବାକୁ ହେବ। ଏହାଦ୍ୱାରା ଆମର ଚାଷବାସ ଆଉ ପଶୁପାଳନ ଉପରେ ପ୍ରଭାବ ପଡୁଛି। ରାଜସ୍ଥାନ ଦେଶର ଦୁଗ୍ଧ ଉତ୍ପାଦନରେ ଦ୍ୱିତୀୟ ରାଜ୍ୟ। କିନ୍ତୁ ନିରନ୍ତର ତାପମାତ୍ରା ବଢ଼ିବା ଯୋଗୁ ଦୁଗ୍ଧ ଉତ୍ପାଦନ ବି ପ୍ରଭାବିତ ହେଉଛି।

ରାଜେଶ: ପୂରା ଠିକ କଥା। ଆଗରୁ ସାଧାରଣତଃ ବର୍ଷାଦିନ ଚାରିମାସ ରହୁଥିଲା, ଏବେ ଏହା ଛୋଟ ହୋଇଗଲାଣି। ଏବେ କମ୍ ଦିନରେ ଅଧିକ ବର୍ଷା ହେଉଛି।

ମହେନ୍ଦ୍ର: ମୋଟ ଉପରେ କହିବାକୁ ଗଲେ ଉତ୍ତପ୍ତ ପୃଥିବୀ ପ୍ରକୃତିର ତାଳଲୟ ବିଗାଡ଼ି ଦେଇଛି।

ରାଜେଶ: ଆଉ ଏଇ ବିଗିଡ଼ି ଯାଇଥିବା ଲୟକୁ ସୁଧାରିବା ଆମ ସମସ୍ତଙ୍କର ଦାୟିତ୍ୱ।

(ବାଦଲ ଗର୍ଜନ ହେବା)

ସବିତା: ବାପା, ଆଜି ପୁଣି ପାଣିପାଗ ବିଗିଡ଼ିଲାଣି। ଚାଲ ଘରକୁ ଚାଲିଯିବା। ନହେଲେ ପୁଣି ଆମେ ଝଡ଼ରେ ଫସିଯିବା। ଆପଣ ଏତେସମୟ ଦେଇଥିବାରୁ ବହୁତ ବହୁତ ଧନ୍ୟବାଦ ସାର୍।

ରାଜେଶ: ଠିକ ଅଛି। ମୋର ବି କିଛି କାମ ଅଛି। ଆପଣମାନେ ଠିକରେ ଘରକୁ ଚାଲିଯାଆନ୍ତୁ। ବର୍ଷା ଆସିଲାଣି।

(ବାଦଲ ଗର୍ଜନ ଶୁଣାଯିବା)